## କଲେଜ କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କାଳିପଦା, ୪।୨ (ସମିସ): ଜାମଶୂଳୀ ଲକ୍ଷ୍ମୀନାରାୟଣ କଲେଜ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଅନୁସୂଚିତ ଜନଜାତି (ଆଦିବାସୀ) ଛାତ୍ର ଛାତ୍ରୀଙ୍କ ପକ୍ଷରୁ କଲେଜ ଅଧ୍ୟକ୍ଷ, ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ କଲେଜ ସଭା ଗୃହରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରି ପୌରହିତ୍ୟ କରିଥିଲେ। ପ୍ରାଧ୍ୟାପକ ଦେବବ୍ରତ ଦାସ, ସଂଗ୍ରାମ କେଶରୀ ନାୟକ, ଶିବନାରାୟଣ ମହାପାତ୍ର, ସୁକାନ୍ତ ଗିରି, ନିର୍ମଳ କୁମାର ସାମଲ ପ୍ରମୁଖ ଯୋଗ ଦେଇ ଆଦିବାସୀ ଶିକ୍ଷା, ସଂସ୍କୃତି, ଐତିହ୍ୟ, ଚଳଣି ସମ୍ପର୍କରେ ଆଲୋଚନା କରିଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରାକ ସୂଚନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗୀତା ମୁର୍ମୁ, ମାଣିକ ହେମ୍ବ୍ରମ, ସୁନିଆ କିସ୍କୁ, ଜସ୍ମିନ ସୋରେନ, କବିତା ସୋରେନ, ସୁନିତା ମାର୍ଣ୍ଡି, ସୁଭଦ୍ରା ହାଁସଦା, ପଦ୍ମ କିସ୍କୁ, ମେନକା ହେମ୍ବ୍ରମ, ଚୈତନ୍ୟ ସୋରେନ, ବିଜୟସିଂ, ରୁଦ୍ର ପ୍ରକାଶ ହେମ୍ବ୍ରମ, ଚନ୍ଦନ ହାଜିରା, ଲିପୁ ହାଁସଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଦୟପୁର ବେଳାଭୂମିରେ ଅସୁରକ୍ଷିତ ବୋଟ୍ ଚାଳନା

**ଚନ୍ଦନେଶ୍ୱର/ଭୋଗରାଇ, ୪।୨(ସମିସ)**



**୨ବଙ୍ଗୀୟ ପର୍ଯ୍ୟଟକ ଗୁରୁତର**

ରାଜ୍ୟର ଅନନ୍ୟ ବେଳାଭୂମି ଭାବେ ପରିଚିତ ବାଲେଶ୍ୱର ଜିଲ୍ଲା ଭୋଗରାଇର ଉଦୟପୁର ଏବେ ପର୍ଯ୍ୟଟକଙ୍କ ପାଇଁ ଅସୁରକ୍ଷିତ ପାଲଟିଛି। କେତେବେଳେ ପର୍ଯ୍ୟଟକଙ୍କୁ ମାଡ଼ ମାରି ଲହୁଲୁହାଣ କରି ପକାଉଛନ୍ତି ତ ପୁଣି କେତେବେଳେ ବୋଟ ଚାଳନାରେ ମଝି ଦରିଆରେ ଖସି ପଡୁଛନ୍ତି। ଅଣ ତାଲିମପ୍ରାପ୍ତ ବୋଟ ଚାଳକଙ୍କ ଅସାବଧାନତା ପାଇଁ ବୁଧବାର ମଝି ଦରିଆକୁ ବୋଟରେ ଯାଇଥିବା ୨ଜଣ ବଙ୍ଗୀୟ ପର୍ଯ୍ୟଟକ ସମୁଦ୍ରକୁ ଖସି ପଡିଥିଲେ। ଜୀବନ ସହ ସଂଘର୍ଷ କରି ଫ୍ୟାନରେ ଖଣ୍ଡିଆ ଖାବରା ହୋଇ କୂଳକୁ ଫେରିଛନ୍ତି। ଆଉ ବୋଟ ମାଲିକ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପରିବର୍ତ୍ତେ ଗାଳିଗୁଲଜ କରିବା ପରେ ଲାଇଭ ଜ୍ୟାକେଟ ଧରି ଦୀଘା ହସପିଟାଲକୁ ଚିକିତ୍ସା ପାଇଁ ଯାଇଥିବା ଜଣା ପଡିଛି। ତେବେ ଉକ୍ତ ବୋଟ ମାଲିକଙ୍କୁ କୌଣସି ଏନଓସି ଦିଆ ଯାଇନାହିଁ। ସମ୍ପୂର୍ଣ୍ଣ ବେଆଇନ ଭାବରେ ସେ ପର୍ଯ୍ୟଟକଙ୍କୁ ବୋଟିଂ କରାଉଥିବା କଥା ଜଣାପଡିଛି। ଅପରପକ୍ଷରେ ସାମୁଦ୍ରିକ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ବୋଟ ମାଲିକମାନେ ୧୫୦ରୁ ୨୦୦ଟଙ୍କା ନେଇ ସେମାନେ ପର୍ଯ୍ୟଟକଙ୍କୁ ସମୁଦ୍ରରେ ବୁଲାଇ ଆଣୁଛନ୍ତି। ବୁଧବାର ୫ଜଣ ବଙ୍ଗୀୟ ପର୍ଯ୍ୟଟକ ଉଦୟପୁର ବେଳାଭୂମିକୁ ଆସିଥିଲେ। ସେମାନଙ୍କୁ ବୋଟରେ ବୁଲାଇବାର ପ୍ରଲୋଭନ ଦେଖାଇ ସମୁଦ୍ରକୁ ନେଇଥିଲେ। ମାତ୍ର କୌଣସି କାରଣରୁ ୨ଜଣ ଖସି ପଡିଥିଲେ। ଜୀବନ ସହ ସଂଗ୍ରାମ କରି ସେମାନେ ଏକ ବଡ ଅଘଟଣରୁ ବର୍ତ୍ତି ଯାଇଛନ୍ତି ସିନା କିନ୍ତୁ ଗୋଡ ଜଖମ ହୋଇ ଲହୁ ଲୁହାଣ ହୋଇ ଯାଇଛନ୍ତି। ବେଳାଭୂମି ନିକଟରେ ରହିଛି ତାଳସାରୀ ସାମୁଦ୍ରିକ ଥାନା। କିନ୍ତୁ ଥାନାରେ ଏନେଇ କୌଣସି ଖବର ବି ନାହିଁ। ଏ ନେଇ ଏକ ସାଧାରଣ ବୈଠକରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ପଶ୍ଚିମବଙ୍ଗର ସମାଜସେବୀମାନେ ଉଦବେଗ ପ୍ରକାଶ କରିଛନ୍ତି। ପ୍ରଶାସନ କେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଛି।

## ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ବିଦ୍ୟାଳୟରେ ତାଲା

ଭୋଗରାଇ, ୪।୨ (ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ଅଧିନସ୍ଥ କାର୍ତ୍ତିକ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ବଦଳିକୁ ନେଇ ସ୍କୁଲ ଫାଟକରେ ତାଲା ପକେଇଲେ ବିଦ୍ୟାଳୟ ପରିଚାଳନା କମିଟି ଛାତ୍ର ଅଭିଭାବକ ଓ ଛାତ୍ରଛାତ୍ରୀ। କାର୍ତ୍ତିକ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ଟି ଶ୍ରେଣୀରେ ୧୧୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ସେଥିରେ ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ନେଇ ଶିକ୍ଷାଦାନ ଚାଲୁଥିବା ବେଳେ ଗତ ଜାନୁଆରୀ ୨୬ ତାରିଖ ଦିନ ନିଲୁ ରାଣୀ ଖମାରୀ ନାମରେ ଜଣେ ଶିକ୍ଷୟତ୍ରୀ ବିଦ୍ୟାଳୟରେ ଶିକ୍ଷା ଦାନ ପାଇଁ ଯୋଗଦାନ କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକିଯେ ବିଦ୍ୟାଳୟରେ ଥିବା ଶିକ୍ଷୟିତ୍ରୀ ଅନିତା ରାଣୀ ମହାନ୍ତିଙ୍କୁ ବଦଳି ପାଇଁ ଚିଠି



ଆସିଥିବାରୁ ଆଜି ବିଦ୍ୟାଳୟ ଫାଟକରେ ତାଲା ପକେଇ ବସିଲେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୌରଭ କୁମାର ଦାସ, ପ୍ରଣୀତା ଗିରି, କିରଣ ବାଲା ଗିରି, ଆରତୀ ମହାନ୍ତି, ପ୍ରଦୀପ ଦାସ, ପ୍ରଭୁରାମ ଦାସ, ସୁଭଦ୍ରା ଗିରି, ଗିରିବାଲା ଗିରି, ସୁମତି ଦାସ ଓ ବହୁ ଛାତ୍ରଛାତ୍ରୀ ଅଭିଭାବକ। ଖୁବ୍ ଶୀଘ୍ର ଶ୍ରୀମତୀ ମହାନ୍ତିଙ୍କ ବଦଳି ଚିଠିକୁ ରଦ୍ଦ କରିବା ପାଇଁ ଦାବି କରିଥିଲେ। ଖବରପାଇ କାଳାହି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଗୌତମ କୁମାର ବେହେରା ବିଦ୍ୟାଳୟରେ ପହଞ୍ଚି କହିଥିଲେ ଯେ ପର୍ଯ୍ୟନ୍ତ ଭୋଗରାଇ ବ୍ଲକରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାର ଯୋଗଦାନ ନ କରୁଛନ୍ତି ସେପର୍ଯ୍ୟନ୍ତ ଶିକ୍ଷୟିତ୍ରୀଙ୍କ ବଦଳି ସ୍ଥଗିତ ରହିବ ବୋଲି ପ୍ରତିଶ୍ରୁତି ଦେବାରୁ ସମସ୍ତ ଆନ୍ଦୋଳନରୁ ଓହରିଥିଲେ।

## ବାଲି ଗାଡ଼ି ଜବତ

ସୋର, ୪।୨(ସମିସ): ସୋର ତହସିଲ ପକ୍ଷରୁ ଚଢ଼ଉ କରାଯାଇ ଏକ ବାଲି ବୋଝେଇ ହାଇୱା ଜବତ କରାଯାଇଥିବା ବେଳେ ଏହାର ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ଆଜି ସକାଳେ ଚୋରା ବାଲି ଚାଲାଣ ହେଉଥିବାର ଖବର ପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ଏକ ଟିମ୍ ସହ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥରେ ଚଢାଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ବାଲି ବୋଝେଇ ହାଇୱାକୁ ଜବତ କରିଥିବା ବେଳେ ଏହାର ଚାଳକ ଫେରାର ହୋଇଯାଇଥିଲା। ଚଢ଼ଉ ହେଉଥିବା ଜାଣିପାରି ଅନେକ ବାଲି ଗାଡି ରାସ୍ତା ବଦଳାଇ ଫେରାର ହୋଇଯାଇଥିବା ବେଳେ ଜବତ ବାଲି ଗାଡିକୁ ସୋର ତହସିଲ ପରିସରରେ ରଖାଯାଇଛି।

## ଜାମଶୂଳୀ କଲେଜ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଚୂଡ଼ାନ୍ତ

କାଳିପଦା, ୪।୨ (ସମିସ): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଏବେ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଆଜି ମହାବିଦ୍ୟାଳୟର ସଭା ଗୃହରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରି ପ୍ରକାଶ କରିଛନ୍ତି। ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଡ. ସନ୍ତୋଷ କୁମାର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ଡ଼ଃ ଅରୁଣ କୁମାର ସାହୁ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ରଘୁନାଥ ନାଥ ମହାନ୍ତି, ସମ୍ବାଦ ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ଜିଲ୍ଲା ସଭାପତି ସତ୍ୟଶିବ ଦାସ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର





କୁମାର ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା, ଉପ ଜିଲ୍ଲାପାଳ ଶିବ ମାଲଭିୟା ପ୍ରମୁଖ ଯୋଗ ଦେବେ। ଚାରି ଦିନିଆ ଏହି କାର୍ଯ୍ୟକ୍ରମରେ ସିନେ ଓ ଆଲବମ ଷ୍ଟାର, ଯଶସ୍ୱୀ କଳାକାର ଓ ଶିକ୍ଷାବିତ, ସ୍ମରଣିକା ସୁବର୍ଣ୍ଣ ସ୍ମାରକୀ -ଲକ୍ଷ୍ମୀ, ମଶାଲ ଯାତ୍ରା, ମେଲୋଡି ଓ ମେଲୋଡି ଷ୍ଟାର ପ୍ରୋଗ୍ରାମ, ଆଦିବାସୀ ଲୋକ ନୃତ୍ୟ, ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ପୂରାତନ ଛାତ୍ର ସଂଗଠନର ପ୍ରମୁଖ କାର୍ଯ୍ୟକର୍ତ୍ତା ମହେଶ୍ୱର ଜେନା, ଲକ୍ଷ୍ମୀଧର ଦାସ, ସୀତାଂଶୁ ଶେଖର ସାହୁ, ଭଜହରି ପରିଡା, ଗୌରାଙ୍ଗ ସାମନ୍ତ, ଶୁଭ୍ରାଂଶୁ ନାୟକ, ସୁଶାନ୍ତ ସାହୁ, ସୁଶାନ୍ତ ଦାଶ, ସୁଶାନ୍ତ ଜେନା, ଅଧ୍ୟାପକ ପରମାନନ୍ଦ ମହାନ୍ତି, ଡ଼ଃ ସୁକାନ୍ତ ଗିରି ପ୍ରମୁଖ ଉପସ୍ଥିତ ରହି ସମାରୋହର ପ୍ରଚାର ପ୍ରସାର ପାଇଁ ସାମ୍ବାଦିକ ମାନଙ୍କ ସାହାଯ୍ୟ ଲୋଡ଼ିଥିଲେ। ସେମାନେ ଆଭିମୁଖ୍ୟ ସମ୍ପର୍କରେ ମଧ୍ୟ କହିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମଦନମୋହନଜୀଉ ତୁଳସୀ ଚୌରା ମେଳା ଉଦ୍‌ଘାଟିତ



ଭୋଗରାଇ, ୪।୨(ସମିସ): ଭୋଗରାଇ ବ୍ଲକ ବାଉଁଶଡିହା ହାଟ ପଡ଼ିଆରେ ମଦନମୋହନ ଜୀଉ ତୁଳସୀ ଚୌରା ମେଳା-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ପାଞ୍ଚଶହ ବର୍ଷ ପୁରୁଣା ଏହି ମଦନମୋହନ ଜୀଉଙ୍କ ମେଳା ପାଇଁ ଓଡ଼ିଶା ସହିତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଆଦି ଅଞ୍ଚଳରୁ ଭକ୍ତମାନେ ଆସିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଆସାମ ବଙ୍ଗୀୟ ସାରସ୍ୱତ ସଂଘର ଢେରାଗଡିଆ ଆନନ୍ଦ ନଗର ଆଶ୍ରମରେ ଅଧ୍ୟକ୍ଷ ସ୍ୱାମୀ ଅପରୂପା ନନ୍ଦ ମହାରାଜ ଫିତା କାଟି ଉଦ୍‌ଘାଟନ କରିଥିଲେ। କମିଟିର ଉପଦେଷ୍ଟା ଦୀନେଶ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ୱାମୀ ମହାରାଜ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ବିକାଶ ପାଣିଗ୍ରାହୀ, ସାମ୍ବାଦିକ ଦିଲ୍ଲୀପ ଦାସ, କମିଟିର ସମ୍ପାଦକ ଦେବାଶିଷ ଚକ୍ରବର୍ତ୍ତୀ, ସମାଜସେବୀ ସଞ୍ଜୀବ ଦାସ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମ୍ବାଦିକ ନିମାଇଁ ଚରଣ ପାତ୍ର ମଞ୍ଚ ଆହ୍ୱାନ କରିଥିଲାବେଳେ ସମାଜସେବୀ ହୃଷିକେଶ ମହାନ୍ତି ଅତିଥି ପରିଚୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଭାପତି ସଞ୍ଜୟ ରାୟ ସହିତ ମେଳା କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ମଦ୍ୟପ ଚାଳକର ଉନ୍ମତ୍ତକାଣ୍ଡ / ୪ ଦୋକାନ ଉପରେ ଚଢ଼ିଗଲା ହାଇୱା

ଭୋଗରାଇ, ୪।୨(ସମିସ): ମଦ୍ୟପ ହାଇୱା ଡ୍ରାଇଭର ଉନ୍ମତ୍ତକାଣ୍ଡ। ଭୋଗରାଇ ବ୍ଲକ ଚୌକି ହାଟରେ ୪ରୁ ଅଧିକ ଦୋକନ ଉପରେ ଚଢ଼ିଗଲା। ଘଟଣା ସ୍ଥଳରେ ଚାପା ଉତ୍ତେଜନା ପରେ ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ହୋଇଥିଲା। ସୂଚନା ଏହିକି ଯେ ଭୋଗରାଇ ବ୍ଲକ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ଚୌକି ହାଟ ଠାରେ କୁମ୍ଭାରମୁଳି ପଞ୍ଚାୟତ ଚୌକି ଗ୍ରାମର କପୁରା ଜେନାଙ୍କ ପୁଅ ସଞ୍ଜୟ ଜେନା ମଦପିଇ ଏକ ହାଇୱା ଗାଡ଼ି ଚଳାଇ ଗୋଟିଏ ଟଟୋ, ଗୋଟିଏ ମଟରସାଇକେଲ ସହିତ ୪ଟି ଦୋକାନ ଭାଙ୍ଗି ଦେଇଛି। ଏତଦ୍ ବ୍ୟତୀତ ଚୌକି ପ୍ରାଥମିକ ବିଦ୍ୟାଳୟ ପାଚେରୀ କାନ୍ଥ ସହିତ ମାର୍କେଟ ନିକଟରେ ଗୁରୁବାର ହେବାକୁ ଥିବା ହିନ୍ଦୁ ସମ୍ମିଳନୀ ପାଇଁ ବନ୍ଧା ଯାଇଥିବା ଗେଟକୁ ଭାଙ୍ଗି ଚୁରମାର କରିଦେଇଛି। ଯାହାକୁ ନେଇ ସ୍ଥାନୀୟ ଲୋକ ଓ ଦୋକାନୀ ମାନେ ଗାଡି ଟିକୁ ଅଟକାଇବା





ପାଇଁ ବହୁ ଚେଷ୍ଟା କରି ଡ୍ରାଇଭରଟିକୁ କାବୁ କରିଥିଲେ। ଏ ନେଇ ଭୋଗରାଇ ପୁଲିସକୁ ଖବର ଦେବାପରେ ପୁଲିସ ଘଟଣା ସ୍ଥଳରେ ପହଂଚି ଡ୍ରାଇଭର ଜଣକୁ ଥାନାକୁ ନେବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ଡ୍ରାଇଭର ଜଣକୁ ନ ଛାଡି କ୍ଷତିପୂରଣ ପାଇଁ ଦାବି କରିଥିଲେ। ଏହାକୁ ନେଇ ଉଭୟ ପୁଲିସ ଓ ଜନସାଧାରଣଙ୍କ ଭିତରେ କଥା କଟାକଟି ହୋଇ ଥିଲା। ପରି ଶେଷରେ ପୁଲିସ ଦୋଷୀ ପ୍ରତି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ କ୍ଷତି ହୋଇଥିବା ଦୋକାନୀଙ୍କୁ ନ୍ୟାୟ ଦିଆଯିବ ବୋଲି କହିବା ପରେ ସ୍ଥାନୀୟ ଲୋକେ ଡ୍ରାଇଭର ଜଣକୁ ପୁଲିସକୁ ଜିମା ଦେଇଥିଲେ।

## ସରପଞ୍ଚ ସୁଷମା ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ଚନ୍ଦନେଶ୍ୱର, ୪।୨(ସମିସ) : ଭୋଗରାଇର ହୁଗୁଳି ପଂଚାୟତର ଦିବଙ୍ଗତା ସରପଂଚ ସୁଷମା ରାଣୀ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ଏ ନେଇ ଆୟୋଜିତ ସଭାକୁ ଭୋଗରାଇର ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଇଂ ବିଦୁବେନ୍ଦୁ ପାତ୍ର ଯୋଗଦେଇ ଦିବଂଗତ ପଣ୍ଡାଙ୍କ ବ୍ୟକ୍ତିତ୍ୱ ଓ ସମାଜସେବା ସମ୍ପର୍କରେ କହିଥିଲେ। ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଗଣପତି ଭୁବନାନନ୍ଦ ଦାସ, ସମାଜସେବୀ ରାଧାକାନ୍ତ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ପ୍ରତିମା ଚାନ୍ଦ, ପୂର୍ବତନ ସରପଂଚ ନଗେନ୍ଦ୍ର ନାଥ ପାତ୍ର, ମଣିମାଳା ଘଡେଇ, ଶିକ୍ଷାବିତ ସନ୍ତୋଷ କୁମାର ପାତ୍ର, ସମିତି ସଦସ୍ୟ ଗୋବିନ୍ଦ ଦାସ, କଲେଜ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସମାଜସେବୀ ଚନ୍ଦନ ଦାସ, ହରେକୃଷ୍ଣ ଦେ, ଧରଣୀଧର ସେନାପତି, ସାମ୍ବାଦିକ ସୁବାସ ଦାସ ପ୍ରମୁଖ ଯୋଗଦେଇ ତାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ଶେଷରେ



ଗିରି, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଆଶିଷ ପାତ୍ର, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଆଇନଜୀବୀ ପୂର୍ବତନ ସରପଞ୍ଚ ତଥା ସ୍ୱର୍ଗତା ସୁଷମା ରାଣୀ ପଣ୍ଡାଙ୍କ ସ୍ୱାମୀ ତପନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ଧଳଙ୍କ ପରଲୋକ

ରାଜଘାଟ, ୪।୨ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଂଚାୟତ ପଣ୍ଡରୁଙ୍ଗୀ ଗାଁର ରବିନ୍ଦ୍ର କୁମାର ଧଳଙ୍କ ଗତକାଲି ରାତିରେ ଆକସ୍ମିକ ଭାବରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ଧଳ ବସ୍ତା ଶିକ୍ଷା ଗୋଷ୍ଠୀ ରେ ଶିକ୍ଷକ ଭାବେ ସଫଳତାର ନିକଟ ଅତୀତରେ ଅବସର ଗ୍ରହଣ କରିଥିଲେ। ସେ ବସ୍ତା ବ୍ଲକ ଛଚିନା କ୍ଲଷ୍ଟରରେ ମଧ୍ୟ ସିଆର୍‌ସିସି ଭାବେ କାର୍ଯ୍ୟ କରିଥିଲେ। ଗତକାଲି ରାତିରେ ରାତ୍ରୀଭୋଜନ ପରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ପରେ ପରିବାର ଲୋକେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କଂଗ୍ରେସ ଯୁବନେତା ସୁଧାଂଶୁ ଶେଖର ଜେନାଙ୍କ ସମେତ ପଣ୍ଡରୁଙ୍ଗୀ ଗାଁର ଯୁବକ ମାନେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶେଷ ଦର୍ଶନ କରି ଏକ ଶୋଭାଯାତ୍ରାରେ ତାଙ୍କ ପଣ୍ଡରୁଙ୍ଗୀ ସ୍ଥିତ ବାସଭବନକୁ ଅଣାଯାଇଥିଲା। ମୁକୁଳିସ ସରପଂଚ ଅମିତ ବିଶାଳ ଲକ୍ଷ୍ମୀ ବାସନ୍ତୀ ଆବାସିକ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଡ. ଅମର କୁମାର ପାଳ, ମଥାନୀ ସରପଞ୍ଚ ମମତା ସିଟ୍, ଅଜୟ କୁମାର ଧଳ, ଭଗବତୀ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶମ୍ଭୁନାଥ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଚିନ୍ଦ୍ର ଦଣ୍ଡପାଟ, ବସ୍ତା ବ୍ଲକ ର ବିଭିନ୍ନ ବିଦ୍ୟାଳୟ ର ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଙ୍କ ପଣ୍ଡରୁଙ୍ଗୀସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ



ଜଳେଶ୍ୱର, ୪।୨(ସମିସ): ଜଳେଶ୍ୱର ପୁରୁଣା କୋଟବଜାରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ଉତ୍କଳ ଗୌରବଙ୍କ ତିରୋଧାନ ଦିବସ ଓ ଶ୍ରଦ୍ଧାଞ୍ଜଳି ସଭା ଶାଖା ସଭାପତି କମଳ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଉତ୍କଳ ସମ୍ମିଳନୀର ଶାଖା ସମ୍ପାଦକ ସୁନୀଲ ନାୟକ, ଉପସଭାପତି ଅଶୋକ ଦାସ, ଡ. ଅଜିତ ମହାନ୍ତି, ସଂଗଠନ ସମ୍ପାଦକ ମନୋରଞ୍ଜନ ଦାସ, ଆଇନଜୀବୀ ତୁଷାରକାନ୍ତି ମହାନ୍ତି, ସଞ୍ଜୟ ପ୍ରଧାନ, କପିଳେଶ୍ୱର ମହାନ୍ତି, ଲଳିତ ରଞ୍ଜନ ସେନାପତି, ପ୍ରାଣକୃଷ୍ଣ ଗିରି, ଆଦିକନ୍ଦ ଦାସ ଅଧିକାରୀ, ସମରେନ୍ଦ୍ର ଦାସ, ଗୋପାଳ କୃଷ୍ଣ ମହାପାତ୍ର, ସଂଗ୍ରାମ ପଟ୍ଟନାୟକ, ଦିଲ୍ଲୀପ କୁମାର ଗିରି, ସାରସ୍ୱତ ସାଧକ ବିପିନ ବିହାରୀ ବିଶ୍ୱାଳ, ଅଧ୍ୟକ୍ଷ ସରୋଜ ମହାନ୍ତି, ଶ୍ରୀମନ୍ତ ଘୋଷ, ମନୋଜ ଦତ୍ତ, ସୁମନ ପଟ୍ଟନାୟକ, ସୁକାନ୍ତ ଦାସ ପ୍ରମୁଖ କୂଳବୃଦ୍ଧଙ୍କ ସ୍ମୃତିଚାରଣ କରିବା ସହିତ ଓଡିଆ ସ୍ୱାଭିମାନ ରକ୍ଷା କରିବା ପାଇଁ ସମସ୍ତ ଉତ୍କଳବାସୀ ଏକତା ସୂତ୍ରରେ ବାନ୍ଧି ହେବା ପାଇଁ ଆହ୍ୱାନ ଜଣାଇଥିଲେ। ରୋଟାରୀଆନ ରାଜେଶ ଖଟୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମନ୍ୱିତ ରେଟିଂ ଏବଂ ରାଙ୍କିଙ୍ଗ୍ ରିପୋର୍ଟରେ ଚମକିଲା ଟିପିଏନ୍‌ଓଡିଏଲ

**ବାଲେଶ୍ୱର, ୪।୨(ସମିସ)**

ଜାତୀୟ ସ୍ତରରେ ଏକ ଉତ୍କର୍ଷ ବିଦ୍ୟୁତ୍ ବିତରଣ ସଂସ୍ଥା ଭାବେ ସ୍ଥାନିତ ହୋଇଛି ଟିପିନର୍ଦ୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୫ର ୧୪ତମ ସମନ୍ୱିତ ରେଟିଂ ଏବଂ ରାଙ୍କିଙ୍ଗ ରିପୋର୍ଟରେ ସାରା ଦେଶର ୫୪ଟି ବିଦ୍ୟୁତ ବିତରଣ ସଂସ୍ଥା ମଧ୍ୟରୁ ଟିପିଏନଓଡିଏଲ ସମ୍ମାନଜନକ ଏ+ ମୂଲ୍ୟାଙ୍କ ହାସଲ କରିବା ସହ ଓଡ଼ିଶାରେ ପ୍ରଥମ ଓ ସର୍ବଭାରତୀୟ ସ୍ତରରେ ନବମ ସ୍ଥାନରେ ରହିଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାର ବିଦ୍ୟୁତ ଆବଣ୍ଟନ ଦାୟିତ୍ୱ ନେଇଥିବା ଟିପିଏନଓଡିଏଲ ଏଥିରେ ୯୪.୭୭ ସ୍କୋର ହାସଲ କରିଛି। ଟିପିଏନଓଡିଏଲ ଦାୟିତ୍ୱଗ୍ରହଣ କରିବା ପରଠାରୁ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ସମଗ୍ର ଉତ୍ତର ଓଡ଼ିଶାରେ ବେଶ ସୁଧାର ସହ ଅତ୍ୟାଧୁନିକ ଓ ବୈଷୟିକ ଜ୍ଞାନକୌଶଳ



ବିତରଣ କ୍ଷେତ୍ରରେ ସଂସ୍କାରକୁ ଅଧିକ ସଂଗଠିତ କରିଛି। ସମନ୍ୱିତ ବାଣିଜ୍ୟକ ଓ ସଞ୍ଚାରଣ (ଏଟି ଏଣ୍ଡ ସି) କ୍ଷତି ୨୫.୧୭ ପ୍ରତିଶତରୁ ୧୨.୬୪ ପ୍ରତିଶତରେ ପହଞ୍ଚି ଥିବାବେଳେ ୫,୫୦୦ ସର୍କିଟ କିମିରୁ ଅଧିକ ନୂଆ ୧୧କେଭି ଲାଇନ ସଂଯୁକ୍ତ ହୋଇଛି। ୬୫୩ ସର୍କିଟ କିମି ୩୩କେଭି ଲାଇନ, ୨୬୬୨ ସର୍କିଟ କିମି ଏଲଟି ଲାଇନ ବୃଦ୍ଧି ହୋଇଥିବାବେଳେ ସାଇଡି ଓ ସାଇଫିରେ ମଧ୍ୟ ବେଶ୍ ସୁଧାର ଆସିଛି। ଉପଭୋକ୍ତାଙ୍କ ସଂଖ୍ୟା ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୧୦ହଜାର ୭ଶହରୁ ଅଧିକ ବିତରଣ ଟ୍ରାନ୍ସଫର୍ମର ଓ ୭୮ଟି ନୂଆ ପିଟିଆର ସ୍ଥାପନ କରାଯାଇଛି। ଏହା ସହ ଅତ୍ୟାଧୁନିକ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର(ପିଏସସିସି) "ସ୍କାଡା' ଦ୍ୱାରା ପିଏସଏସ ଗ୍ରୀଡଗୁଡିକ ସଞ୍ଚାଳିତ ହେଉଥିବାବେଳେ ବିତରଣ ବ୍ୟବସ୍ଥାକୁ ଏବେ ଆଧୁନିକରଣ କରାଯିବା ସହ ବୈଷୟିକ ତ୍ରୁଟି ସଜାଡିବା ପ୍ରକ୍ରିୟା ସହଜ ଓ ସରଳ ହୋଇଛି। କେବଳ ଫଲ୍ଟ ଲୋକେଟର, ଅଟୋ ରିକ୍ଲୋଜର, ଟ୍ରଲି ମାଉଣ୍ଟେଡ ଡିଟିଆର, ଭୂତଳ କେବଲ ବ୍ୟବସ୍ଥା, ଡ୍ରୋନ ଦ୍ୱାରା ଥର୍ମୋଗ୍ରାଫି ଆଦି

**କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ତାଲିକାରେ ରାଜ୍ୟର ଶ୍ରେଷ୍ଠ ବିଦ୍ୟୁତ ବିତରକ ସଂସ୍ଥା**

ନୂତନ ଅତ୍ୟାଧୁନିକ ବ୍ୟବସ୍ଥା ଗୁଣାତ୍ମକ ବିଦ୍ୟୁତ ସେବା ବିତରଣକୁ ସୁନିଶ୍ଚିତ କରିଛି। ଉଲ୍ଲେଖନୀୟ ବିଷୟ ହେଲା, ପୂର୍ବରୁ ବିପଦଜନକ ସ୍ଥିତିରେ ଥିବା ବିଦ୍ୟୁତ ସବ-ଷ୍ଟେସନ ଓ ଟ୍ରାନ୍ସଫର୍ମରଗୁଡ଼ିକର ଏବେ ରୂପାନ୍ତରଣ ହୋଇଛି। ପଶୁପକ୍ଷୀଙ୍କ ସମେତ ପିଲାଛୁଆ କେହି ଯେମିତି ଏହାର ସଂସ୍ପର୍ଶରେ ନ ଆସିବେ, ସେଥିପାଇଁ ଟ୍ରାନ୍ସଫର୍ମରଗୁଡିକୁ ପକ୍କା ପ୍ରାଚୀର କିମ୍ବା ଶକ୍ତ ତାର ଜାଲି ଦ୍ୱାରା ଆବଦ୍ଧ କରାଯାଉଛି। ୧୧ କେଭିଠାରୁ ଆରମ୍ଭ କରି ଏଲଟି ତଥା ୩୩ କେଭି ପର୍ଯ୍ୟନ୍ତ ବିଦ୍ୟୁତ ତାର ଓ ଖୁଣ୍ଟଗୁଡ଼ିକ ଆଦି ଭିତ୍ତିଭୂମି କ୍ରମଶଃ ସଶକ୍ତ ହେବାରେ ଲାଗିଛି। ଖୁଣ୍ଟ, ତାର ଓ ଟ୍ରାନ୍ସଫର୍ମରଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ଟିମ କାର୍ଯ୍ୟ କରୁଛନ୍ତି। ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ନିରାପତ୍ତା ଉପକରଣ ଯୋଗାଇ ଦିଆଯାଉଛି। ସମସ୍ତଙ୍କୁ ସ୍ୱତନ୍ତ୍ର ଶିବିର ଦ୍ୱାରା ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଓଡ଼ିଶାରେ ବିଦ୍ୟୁତ ସଂସ୍କାର କ୍ଷେତ୍ରରେ ଏହା ଏକ ଉଦାହରଣ ସୃଷ୍ଟି କରିଛି। ଏ ସମ୍ପର୍କରେ ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ କହିଛନ୍ତି ଯେ, ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ସାଙ୍ଗକୁ ଗୁଣାତ୍ମକ ସେବା ଓ ନିରାପତ୍ତା କ୍ଷେତ୍ରରେ ଅନେକ ସଂସ୍କାର ଆସିଛି ଏବଂ ରୂପାନ୍ତରଣର ଧାରା ମଧ୍ୟ ଜାରି ରହିଛି। କର୍ମଚାରୀଙ୍କ ନିଷ୍ଠାପରତା, ଉପଭୋକ୍ତାଙ୍କ ଆମ ଉପରେ ଆସ୍ଥା ସର୍ବୋପରି ସରକାର ତଥା ଜନସାଧାରଙ୍କ ସହଯୋଗ ଯୋଗୁଁ ସମନ୍ୱିତ ରେଟିଂ ଏବଂ ରାଙ୍କିଙ୍ଗରେ ଟିପିଏନଓଡିଏଲ ଉତ୍କର୍ଷତା ପ୍ରତିପାଦନ କରିଥିବା ସେ ଦର୍ଶାଇଛନ୍ତି।

## ଜଳେଶ୍ୱର ମହୋତ୍ସବର ୫ମ ସନ୍ଧ୍ୟା

ଜଳେଶ୍ୱର, ୪।୨ (ସମିସ) : ଜଳେଶ୍ୱର ବଡ଼ବଜାରଠାରେ ଦଶଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଜଳେଶ୍ୱର ମହୋତ୍ସବର ୫ମ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଇଂ ରାମଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ପୂର୍ବତନ ଆରକ୍ଷୀ ଅଧିକ୍ଷକ ସନ୍ତୋଷ କୁମାର ନାୟକ ଓ ମୁଖ୍ୟବକ୍ତା ତହସିଲଦାର ସତ୍ୟଜିତ୍ ମହାନ୍ତି ଯୋଗଦେଇ ଜଳେଶ୍ୱର ମହୋତ୍ସବ ଦ୍ୱାରା ଏ ଅଂଚଳ ଚଳଚଞ୍ଚଳ ହୋଇଉଠିଛି। ପଡୋଶୀ ପଶ୍ଚିମବଂଗରୁ ବହୁ ଲୋକ ଏଠାକୁ ଆସୁଥିବାରୁ ଲୋକଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି ସହିତ ଓଡିଶାର କଳା, ସଂସ୍କୃତିକୁ ସେମାନେ ଆପଣାଉଥିବା କହିଛନ୍ତି। ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପରିଡା ମଞ୍ଚ ଆହ୍ୱାନ କରିଥିବାବେଳେ ଗୌରବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଗରାଇରେ ବିଶ୍ୱ କର୍କଟ ଦିବସ




ଭୋଗରାଇ, ୪।୨(ସମିସ): ବିଶ୍ୱ କର୍କଟ ଦିବସ ଅବସରରେ କ୍ୟାନସର କେୟାର ଏଣ୍ଡ ଏଜୁକେସନ ସଙ୍ଗଠନ ପକ୍ଷରୁ ଭୋଗରାଇ ବ୍ଲକରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମ୍ସର କର୍କଟ ରୋଗ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ସରୋଜ କୁମାର ଦାସ ମଜୁମଦାର ଏହି ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ଠାରୁ ଏହି ବର୍ଣ୍ଣାଢ୍ୟ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଓ ପ୍ଲାକାର୍ଡ ଧରି ଏହି ଶୋଭାଯାତ୍ରା ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପହଞ୍ଚିଥିଲା। ସେଠାରେ କର୍କଟ ରୋଗର ଲକ୍ଷଣ,ରୋଗର ଚିହ୍ନଟ,ପ୍ରାରମ୍ଭିକ ଚିକିତ୍ସା ଓ ଏଥିରୁ ରକ୍ଷା ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ଡାକ୍ତର ମଜୁମଦାର ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକନେତା ନଟରଞ୍ଜନ ଘରାଇ, ପ୍ରଶାନ୍ତ ମହାନ୍ତି, ସରୋଜ ଦାସ, ସୀତାରାମ ପ୍ରଧାନ, ଦେବେନ୍ଦ୍ର ଜେନା, ଅଶୋକ ସାହୁ,ବାଲଗୋପାଳ ଦାସ, ବିଦ୍ୟୁତରଞ୍ଜନ ଦାସ, ରମାକାନ୍ତ ପରିଡ଼ା, ଅଶ୍ୱିନୀ କୁମାର ଭଞ୍ଜ, ଦକ୍ଷିଣ ଭୋଗରାଇ ଓଷ୍ଟା ସଭାପତି ମହେଶ୍ୱର ଗିରି, ଭବାନୀ ଶଙ୍କର ପ୍ରଧାନ, ସୁବାଷ ଚନ୍ଦ୍ର ଦେ, ତାପସ ପାତ୍ର, ବଂଶୀଧର ମାଝୀ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ଛାତ୍ରଛାତ୍ରୀ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

ପଥର ଖାଦାନରେ ତହସିଲଦାରଙ୍କ ଚଢ଼ଉ

# ଜବତ ପଥର ୪୫ ଲକ୍ଷରେ ନିଲାମ

ସୋର,୪।୨(ସମିସ)



ବାଗୁଡ଼ି ପଥର ଖାଦାନରୁ ପଥର ଚୋରିରେ ରୋକ ଲାଗିପାରୁନାହିଁ। ଫଳରେ ମାଫିଆ ମାନେ କୋଟିକୋଟି ଟଙ୍କା ଲାଭବାନ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ସୋର ତହସିଲ ପକ୍ଷରୁ ବାରମ୍ବାର ଚଢ଼ଉ କରାଯାଇ ପଥର ଜବତ କରାଯାଉଥିବା ବେଳେ ଖଣି ଅଧିକାରୀଙ୍କ ନିରବତା ସମସ୍ତଙ୍କୁ ଚକିତ କରିଛି। ଆଜି ସକାଳେ ବାଗୁଡ଼ି ଖାଦାନର କିଛି କ୍ୱାରୀରେ ପଥର ଚୋରା ଚାଲାଣ ହେଉଥିବା ଖବର ପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ଅଚାନକ ଚଢ଼ଉ କରିଥିଲେ। ଏହି ସମୟରେ ମାଫିଆ ଓ କାମ କରୁଥିବା ଶ୍ରମିକମାନେ ଚମ୍ପଟ ମାରିଥିବା ବେଳେ ୪୨ ନମ୍ବର କ୍ୱାରୀ ନିକଟରୁ ୨୫୦୦ କ୍ୟୁବି ମିଟର ପଥର ଓ ୪୩ ନମ୍ବର କ୍ୱାରୀ ନିକଟରୁ ୧୫୦୦ କ୍ୟୁବି ମିଟର ପଥରକୁ ଜବତ କରିଥିଲେ। ସେହିପରି ଖଞ୍ଜାମାହାଲ ପଥର ଖାଦାନ ଅଞ୍ଚଳରୁ ୩୦୦୦ କ୍ୟୁବି ମିଟର ପଥରକୁ ଜବତ କରିଥିଲେ। ଅପରାହ୍ନରେ ଜବତ ପଥରକୁ କନିଷ୍ଠ ଖଣି ଅଧିକାରୀ ସମ୍ବିତ କୁମାର ମଣିଙ୍କ ଉପସ୍ଥିତିରେ ୪୫ ଲକ୍ଷରୁ ଅଧିକ ଟଙ୍କାରେ ନିଲାମ କରାଯାଇଥିବା ଜଣାପଡ଼ିଛି। ଏହି ସମୟରେ ଏକ ବେଆଇନ ପଥର ବୋଝେଇ ଟ୍ରାକ୍ଟରକୁ ତହସିଲଦାର ଶ୍ରୀ ମଲ୍ଲିକ ଜବତ କରିଥିଲେ। କେବଳ ତହସିଲ ପକ୍ଷରୁ ଚଢ଼ଉ କରାଯାଉଥିବା ବେଳେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଉନଥିବାରୁ ଜିଲ୍ଲାପାଳ ଏଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି।

# ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଖାଦ୍ୟ ମେଳା




ଜଳେଶ୍ୱର, ୪।୨ (ସମିସ): ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଗୃହ ବିଜ୍ଞାନ ବିଭାଗ ତରଫରୁ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାକୁ ଓଡିଶା ରାଜ୍ୟପାଳ ଭବନ ଅତିରିକ୍ତ ଶାସନ ସଚିବ ପ୍ରଶାନ୍ତ କୋଶୋର ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ମହାନ୍ତି, ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷା ଅଂଜଳୀ ଚକ୍ରବର୍ତ୍ତୀ, ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ଇପସିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ମେଳା ଶେଷରେ ମହାବିଦ୍ୟାଳୟର ଅଧକ୍ଷ ସଂଗ୍ରାମ ପଟ୍ଟନାୟକଙ୍କ ଅଧକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମେଳାରେ ଭାଗ ନେଇଥିବା ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆୟୋଜିତ ଏହି ଖାଦ୍ୟ ମେଳାରେ ଭାଗ ନେଇଥିବା ଛାତ୍ରୀମାନଙ୍କର ପ୍ରୟାସକୁ ଅତିଥି ମାନେ ପ୍ରଶଂସା କରିବା ସହିତ ଖାଦ୍ୟର ଗୁଣବତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଗୃହ ବିଜ୍ଞାନ ବିଭାଗର ଅଧାପିକା ଅକିମା ଖାତୁନ ଓ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଦୋଳ ମହୋତ୍ସବ ପ୍ରସ୍ତୁତି

ଖଇରା,୪।୨ (ସମିସ): ସମ୍ପେଇଠାରେ ଦୋଳ ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।ଏହି ପରିପ୍ରେକ୍ଷୀରେ ସମ୍ପେଇ ମିଳନ ପଡିଆରେ ଆୟୋଜିତ ବୈଠକରେ ପ୍ରଥମେ ୧୫ବର୍ଷ ତଳର ପୁରୁଣାକମିଟିପୁନର୍ଗଠନକରାଯାଇଥିଲା। ଉକ୍ତ କମିଟିରେ ଲକ୍ଷୀକାନ୍ତ ଗିରିଙ୍କୁ ସଭାପତି, ମୁକୁନ୍ଦ ନାୟକଙ୍କୁ ସମ୍ପାଦକ, ବଂଶୀଧର ବାରିକଙ୍କୁ ଉପସଭାପତି, ସୁଧାଂଶୁ ବେହେରାଙ୍କୁ ସହ ସମ୍ପାଦକ, ରବିନ୍ଦ୍ର ମହାନ୍ତିଙ୍କୁ ଆଇନ ପରାମର୍ଶଦାତା, ଗୟାଧର ଦାସଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଥିଲା। ଆସନ୍ତା ୩ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ସମ୍ପେଇ ଦୋଳ ମହୋତ୍ସବ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଆନ୍ତରାଜ୍ୟ ସଂଯୋଗୀକରଣ ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ



ଜଳେଶ୍ୱର, ୪।୨(ସମିସ): ବହୁଦିନର ପ୍ରତୀକ୍ଷା ପରେ ନଛିମପୁର ପଞ୍ଚାୟତର ବେଲିଗୋପିନାଥପୁରଠାରୁ ପଶ୍ଚିମବଂଗର ଭେଟିଆ ଗାଁ ପର୍ଯ୍ୟନ୍ତ ୭୦୦ ମିଟର ଆନ୍ତଃରାଜ୍ୟ ସଂଯୋଗୀକରଣ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଆଜି ଶୁଭାରମ୍ଭ ହୋଇଛି। ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ପକ୍ଷରୁ ଆନ୍ତଃରାଜ୍ୟ ସଂଯୋଗୀକରଣ ଯୋଜନାରେ ଆମ୍ବଳିଅଠା-ସୋଲପଟା ମୁଖ୍ୟ ରାସ୍ତାର ବେଲିଗୋପୀନାଥପୁର ଛକ ଠାରୁ ପଶ୍ଚିମବଙ୍ଗ ସୀମା ଭେଟିଆ ଗାଁ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ୧.୪୮ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ଜଣାଯାଇଛି। ଫଳରେ ଓଡିଶାର ଆକୁଆ ମୌଜାର ୧୦ଟି ପରିବାର ଉପକୃତ ହୋଇପାରିବେ ବୋଲି ଜଣାଯାଇଛି। ନଛିମପୁର ପଞ୍ଚାୟତ ସମିତି ସଦସ୍ୟ ତଥା ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ ଓ ସରପଞ୍ଚ ରାଜେଶ ଜେନାଙ୍କ ଉପସ୍ଥିତିରେ ଓଡ଼ିଆ ଓ ପଶ୍ଚିମବଙ୍ଗଳା ଜନସାଧାରଣଙ୍କ ସହଯୋଗରେ ଶୁଭାରମ୍ଭ ଆରମ୍ଭ ହୋଇଥିଲା।

# ଏଫ୍‌ଏମ୍‌ୟୁ ସମାବର୍ତ୍ତନ ଉତ୍ସବରେ ନୀଳଗିରିର ଦୁଇ ପ୍ରତିଭା ସମ୍ମାନିତ





ନୀଳଗିରି, ୪।୨ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ନୀଳଗିରିର ଦୁଇ ପ୍ରତିଭା ଅଧାପକ ପ୍ରଦୀପ୍ତ କୁମାର ମିଶ୍ର ଓ ଅବିନାଶ ବେହେରା ସମ୍ବର୍ଦ୍ଧିତ ହୋଇଛନ୍ତି। ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ପ୍ରଦୀପ୍ତ କୁମାର ମିଶ୍ର ହେଉଛନ୍ତି ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଣିଆଗାଁ ନିବାସୀ ସ୍ୱର୍ଗତ କାର୍ତ୍ତିକେଶ୍ୱର ମିଶ୍ର ଓ ସ୍ୱର୍ଗତ ବିନୋଦିନୀ ମିଶ୍ରଙ୍କ କନିଷ୍ଠ ପୁତ୍ର। ଅଧାପକ ମିଶ୍ର ଓଡ଼ିଆ ଭାଗବତ ଉପରେ ନିଜର ଗବେଷଣା କରି ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଓଡ଼ିଶାର ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କରକମଳରେ ଡକ୍ଟରେଟ ଉପାଧୀ ପ୍ରାପ୍ତହୋଇ ନୀଳଗିରିର ଗୌରବ ବୃଦ୍ଧି କରିଛନ୍ତି। ସେହିପରି ନୀଳଗିରିର ଖରଡିଆ ଗ୍ରାମ ନିବାସୀ ଗଜେନ୍ଦ୍ର ବେହେରା ଓ ଦମୟନ୍ତୀ ବେହେରାଙ୍କ ସୁପୁତ୍ର ଅବିନାଶ ବେହେରା ୨୦୨୫ ମସିହାରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ବିଭାଗର ସ୍ନାତ୍ତକୋତର ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଏହି ସଫଳତା ପରେ ଗଡଜାତ ମାଟିରେ ଦୁଇ ପ୍ରତିଭାଙ୍କୁ ଅଜସ୍ର ଅଭିନନ୍ଦନ ଜ୍ଞାପନ କରାଯାଉଛି।

# ଶ୍ରୀଜଗନ୍ନାଥଙ୍କ ଷୋଡଶ ଉପଚାର ପୂଜା



ସୋର, ୪।୨(ସମିସ): ସୋର ବ୍ଲକ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଚିଓ୍ୱାଳ ଭାଗବତ ଗାଦି ମନ୍ଦିରରେ ମଙ୍ଗଳବାରରୁ ଶନିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ଉନବିଂଶ ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଶହ, ଶହ ସଂଖ୍ୟା ରେ ଶ୍ରଦ୍ଧାଳୁ ଘଣ୍ଟ, ଘଣ୍ଟା ସଂକୀର୍ତ୍ତନ ମଧ୍ୟରେ ଆସି ମନ୍ଦିର ରେ ଜୀଉ ମାନଙ୍କ ନିକଟରେ ପୂଜା ଅର୍ଚ୍ଚନା କରିଥିଲେ। ବଡ ଓଡ଼ିଆ ମଠ, ପୁରୀର ମହନ୍ତ ମହାରାଜ ମଠାଧୀଶ ବଂଶୀଧର ଦାଶ ଗୋସ୍ୱାମୀ ଓ ଚିଓ୍ୱାଳ ମଠର ମଠାଧୀଶ ତଥା, ସଭାପତି ବଂଶୀଧର ଦାସଙ୍କ ସହ ବହୁ ସେବକ, ଶ୍ରୀକ୍ଷେତ୍ର, ପୁରୀ ବଡ଼ ଓଡ଼ିଆମଠର ପୁରୋଧା ପଣ୍ଡିତ ପ୍ରବୀର ଦାଶ ଓ ବିଶିଷ୍ଟ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ଷୋଡଶ ଉପଚାର ପୂଜା ଅର୍ଚ୍ଚନା କରାଯାଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିରର ସମସ୍ତ କର୍ମକର୍ତ୍ତା, ସେବାୟତ ମାନଙ୍କ ପୂର୍ଣ୍ଣ ସହଯୋଗରେ କଳସ ଶୋଭାଯାତ୍ରା ଓ ସ୍ୱାଗତ ସମ୍ବର୍ଦ୍ଧନା ଶୃଙ୍ଖଳା ସହ ସମାପନ ହୋଇଥିଲା।

ସୁସ୍ଥ ହୋଇ ହାଇଦରାବାଦରୁ ଫେରୁଥିଲା

# ଟ୍ରେନରେ ଚାଲିଗଲା ଶିଶୁକନ୍ୟାର ଜୀବନ

ସୋର,୪।୨(ସମିସ): ହାଇଦରାବାଦର ଏକ ଡାକ୍ତରଖାନାରୁ ସୁସ୍ଥ ହୋଇ ଘରକୁ ଫେରୁଥିବା ବେଳେ ସୋର ରେଳ ଷ୍ଟେସନ ନିକଟରେ ଚାଲିଗଲା ଦେଢ ବର୍ଷର ଜଣେ ଶିଶୁ କନ୍ୟାର ଜୀବନ। ଯାହାକୁ ନେଇ ସୋର ଷ୍ଟେସନରେ ଦୁଃଖର ବାତାବରଣ ଖେଳିଯାଇଥିବା ବେଳେ ବାପା ମା' ହତବାକ ହୋଇଯାଇଥିଲେ। ଘଟଣା ଟି ଘଟିଥିଲା ଆଜି ସକଳେ ଇଷ୍ଟକୋଷ୍ଟ ଟ୍ରେନରେ। ଛତିଶଗଡ ଅଞ୍ଚଳର ମହମ୍ମଦ ସେହେନୁ ଆଲାମ ହାଇଦରାବାଦର ଏକ ହୋଟେଲରେ କାମ କରୁଥିବାରୁ ପରିବାର ସହ ସେଠାରେ ରହୁଥିଲେ। ଗତ କିଛି ଦିନ ତଳେ ତାଙ୍କ ସାନ ଝିଅ ଆଇସାର ଦେହ ଖରାପ ଥିବାରୁ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ସାମାନ୍ୟ ସୁସ୍ଥ ହୋଇ ଫେରିବା ପରେ ଗତ କାଲି ସ୍ତ୍ରୀ ଜୈନା ପରୱିନ ଓ ତିନି ପିଲାଙ୍କୁ ନେଇ ଇଷ୍ଟକୋଷ୍ଟ ଟ୍ରେନରେ ଘରକୁ ଫେରୁଥିଲେ। ସୋର ଷ୍ଟେସନ ପହଞ୍ଚିବାର କିଛି ବାଟ ପୂର୍ବରୁ ସାନ ଝିଅ ଆଇସାର ଦେହ ଅଧିକ ଖରାପ ହୋଇଥିଲା। ଟ୍ରେନ୍ ସୋର ରେଳ ଷ୍ଟେସନରେ ପହଞ୍ଚିବା ପରେ ଆଇସାକୁ ଚେତାଶୂନ୍ୟ ଅବସ୍ଥାରେ ସୋର ଡାକ୍ତରଖାନାକୁ ନେଇଥିଲେ ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାଇନାଙ୍କ ମାଆ ଜୈନା ବାରମ୍ବାର ଅଚେତ ହୋଇଯାଉଥିଲେ। ଚେତା ଆସିବା ମାତ୍ରେ ଝିଅକୁ କାକୁତି ମିନତି ହୋଇ ଖୋଜୁଥିଲେ। ଏପରି ଦୃଶ୍ୟ ଦେଖି ରେଳ ଷ୍ଟେସନରେ ଥିବା ଯାତ୍ରୀମାନଙ୍କ ମଧ୍ୟରେ ଦୁଃଖର ବାତାବରଣ ଖେଳିଯାଇଥିଲା। ପରେ ଏକ ଆମ୍ବୁଲାନ୍ସ ଯୋଗେ ମୃତ ଶରୀରକୁ ଛତିଶଗଡ ଅଭିମୁଖେ ନିଆଯାଇଥିବା ଜଣାପଡିଛି। ଦୁନିଆ କ'ଣ ଜାଣିବା ପୁର୍ବରୁ ଦୁନିଆରୁ ବିଦାୟ ନେଇଥିବା ଆଇସାର ଅଚାନକ ମୃତ୍ୟୁ ସମସ୍ତଙ୍କୁ ବାକଶୂନ୍ୟ କରିଦେଇଛି।

# ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



ନୀଳଗିରି, ୪।୨ (ସମିସ): ନୀଳଗିରି ଉପଖଣ୍ଡ ସଦର ମହକୁମାସ୍ଥିତ ନୀଳଗିରି, କୈଳାସଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ନୀଳଗିରି କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଦିନିକିଆ ପି.ଏମ.ଶ୍ରୀ ଉତ୍ସବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ପାଠ୍ୟ ଖସଡ଼ା ଅନୁଯାୟୀ ବିଭିନ୍ନ ଷ୍ଟଲ୍ ମାନ ପରିଦର୍ଶନ କରି ଥିଲେ। ପ୍ରଧାନଶିକ୍ଷକ ସତ୍ୟ ରଞ୍ଜନ ଭୂୟାଁ ଅଧକ୍ଷତା କରିଥିବାବେଳେ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଅବସରପ୍ରାପ୍ତ ଡିଜିଏମ ଅଶୋକ ମିଶ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଭୀମସେନ ବିଶ୍ୱାଳ, ୱାର୍ଡ କାଉନସିଲର ପ୍ରତାପ ଚନ୍ଦ୍ର ସେଠୀ, ଆଲୁମିନି ସଭାପତି ସୁରଞ୍ଜନ୍ ମହାପାତ୍ର, ଆଲୁମିନି ସମ୍ପାଦକ ସୁଶାନ୍ତ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଲକ୍ଷ୍ମୀଧର ରାଉଳ ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ସବରେ ମୁଖ୍ୟଅତିଥି ବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କ ବହୁ ଅଭାବ ଅସୁବିଧାକୁ ଦୃଷ୍ଟିରେ ରଖି ଛାତ୍ରାବାସ ନିମନ୍ତେ ନିଜ ପାଣ୍ଠିରୁ ୯ଲକ୍ଷ ଟଙ୍କା ଅନୁଦାନ ରାଶି ଘୋଷଣା କରିଥିଲେ। ଏହି ଦିନିକିଆ ଉତ୍ସବର ଉଦଯାପନୀ ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ ନାୟକ ଯୋଗ ଦେଇଥିଲେ।

# ଜଳିଗଲା ୪ ବଖରା

ସୋର,୪।୨(ସମିସ): ସୋର ପୌରପାଳିକା ଅନ୍ତର୍ଗତ ଘୋଡାସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ଚାରି ବଖରା ଜଳିଯାଇଛି। ଆଜି ମଧ୍ୟାହ୍ନରେ ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ଚାଳ ଘରକୁ ମରାମତି କରାଯାଉଥିବା ବେଳେ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସୋର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଦୁଇଟି ଦମକଳ ସହ ଘଟଣାସ୍ଥଳରେ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଚାରି ବଖରା ଘର ସମେତ ଆସବାବପତ୍ର ପୋଡିଜଳି ପାଉଁଶ ହୋଇଯାଇଥିଲା। ରାମଚନ୍ଦ୍ର ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

# ଛତ୍ରପୁରରୁ ହଟିଲା ଜବରଦଖଲ

ସୋର, ୪।୨(ସମିସ): ସୋର ପୌରପାଳିକା ଛତ୍ରପୁର ଛକଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ସରକାରୀ ଜାଗାରେ ହୋଇଥିବା ଜବରଦଖଲକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଜବରଦଖଲ କାରଣରୁ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହେଉଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରି ମଲ୍ଲିକ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ କରିଥିଲେ। ଏହି ସମୟରେ ଅନେକ ଘର ଭଙ୍ଗା ଯାଇଥିବା ବେଳେ ୪ଟି ଘରକୁ ନେଇ ଉଚ୍ଚ ନ୍ୟାୟାଳୟରେ ଲୋକେ ଦ୍ୱାରସ୍ଥ ହୋଇଥିବାରୁ ଆଗାମୀ ୬ ସପ୍ତାହ ମଧ୍ୟରେ ଏହାର ସମାଧାନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଥିବାରୁ ଉକ୍ତ ୪ଟି ଘରକୁ ଛାଡି ବାକି ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହି ସମୟରେ ପୌର କର୍ମଚାରୀ, ତହସିଲ କର୍ମଚାରୀ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ ଓ ସୋର ପୁଲିସ ସହଯୋଗ କରିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଫ୍ୟୁଚର ନର୍ସିଂ କଲେଜରେ ବିଶ୍ୱ କର୍କଟ ଦିବସ

ସୋର, ୪।୨ (ସମିସ): ସୋର ବ୍ରାହ୍ମଣସାହିସ୍ଥିତ ଫ୍ୟୁଚର କଲେଜ ଅଫ ନର୍ସିଂ ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା କଲେଜ ପରିସରରୁ ବାହାରି ସୋର କୋର୍ଟ ଛକ ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଛାତ୍ରଛାତ୍ରୀ ଲୋକମାନଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ସୋର ଡାକ୍ତରଖାନା ପରିସରରେ ରୋଗୀ ଓ ଅନ୍ୟମାନଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିବା ପରେ ସୋର କୋର୍ଟ ଛକ ନିକଟରେ ଏହି ଶୋଭାଯାତ୍ରା ଶେଷ ହୋଇଥିଲା। ଏଥିରେ କଲେଜର ଅଧକ୍ଷ ରମେଶ ଚନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ହରପ୍ରିୟା ମହାପାତ୍ର, ଶୁଭଲକ୍ଷ୍ମୀ ପଣ୍ଡା, ଜନ୍ମେଜୟ ମହାପାତ୍ର, ଜୟନ୍ତ ପତି, ଅଜିତ ଜେନା, ସୁଶାନ୍ତ ଆଚାର୍ଯ୍ୟ, ଗାୟତ୍ରୀ ପ୍ରଧାନ, ଲିପ୍ସା ପ୍ରିୟଦର୍ଶିନୀ ନାୟକ, ସୋନାଲି ବେହେରା ଓ ମୋନାଲିସା ବାରିକଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ବ୍ୟାସକବିଙ୍କ ଆବକ୍ଷ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ



ନୀଳଗିରି, ୪।୨ (ସମିସ): ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ନୀଳଗିରି ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ଛକଠାରେ ସ୍ଥାପିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଆବକ୍ଷ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତିର ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି, ନୀଳଗିରି ପଞ୍ଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ନୀଳଗିରି ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ପୌର ପରିଷଦ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଜିଲ୍ଲା ପରିଷଦ ସଦସ୍ୟା ଦ୍ୱୟ ରଞ୍ଜିତା ସିଂ,ଶ୍ରୀମତୀ ସୁବର୍ଣ୍ଣା ମଞ୍ଜରୀ ସିଂ ପ୍ରମୁଖ ମଞ୍ଚାସିନ ଥିଲେ। ବିଡିଓ ବିକ୍ରମ କେଶରୀ ପରିଡ଼ା ପୌରୋହିତ୍ୟ କରିଥିବା ବେଳେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

# ତ୍ରିଦିବସୀୟ ଜେଆରସି କାଉନସେଲର ପ୍ରଶିକ୍ଷଣ ଉଦ୍‌ଯାପିତ

ବାଲେଶ୍ୱର/ଜଳେଶ୍ୱର, ୪।୨(ସମିସ)



ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିଅର ରେଡ଼କ୍ରସର ଅଧକ୍ଷ ଡ. ବସନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଜୁନିୟର ରେଡ଼କ୍ରସ ଓ ଜିଲ୍ଲା ଜୁନିୟର ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ତ୍ରିଦିବାସୀୟ ଅଣ ତାଲିମପ୍ରାପ୍ତ ଜୁନିୟର ରେଡ଼କ୍ରସ କାଉନସେଲର ପ୍ରଶିକ୍ଷଣ ଶିବିର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜଳେଶ୍ୱରଠାରେ ଉଦଯାପିତ ହୋଇଯାଇଛି। ଯାହା ଫେବୃଆରୀ ୨ ରୁ ୪ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ ଷାଠିଏ ଜଣ କାଉନସେଲର ଭାଗ ନେଇଥିଲେ। ଆଜିର ଉଦଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜୁନିୟର ରେଡ଼କ୍ରସ ସମ୍ପାଦକ ତଥା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡେଇ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟ ନାରାୟଣ ଦାସ, ଉପସଭାପତି ଇତିଶ୍ରୀ ରଥ ଓ ପୂର୍ବତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନ ଯୋଗ ଦେଇ କାଉନସେଲର ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ନାରାୟଣ ପାଇକରାୟ ମଞ୍ଚ ପରିଚାଳନା କରିଥିଲେ। ସାଧନ କର୍ମୀ ରତିକାନ୍ତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ଅନ୍ୟ ସାଧନ କର୍ମୀ ଭାବେ, ମନୋଜ କୁମାର ଜେନା,ଦନର୍ଦ୍ଦନ ଖିଲାର ଓ ସୁଦର୍ଶନ ରାଉତ ତିନିଦିନ ରହି ଧରି କାଉନସେଲରମାନଙ୍କୁ ବିଭିନ୍ନ ବିଷୟରେ ଯଥା ରେଡ଼କ୍ରସ ଇତିହାସ, ରକ୍ତଦାନ, ଜଳବାୟୁ ପରିବର୍ତ୍ତନ, ପ୍ରାଥମିକ ସହାୟତା, ସଡ଼କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା, ଏଚ ଆଇ ଭି ଏଡ୍‌ସ, ସାଇବର ସିକୁରିଟି ଉପରେ ତାଲିମ ଦିଆଯାଇଥିଲା। ସ୍କୁଲ ମାନଙ୍କରେ ଥିବା ଜୁନିୟର ରେଡ଼କ୍ରସ ୟୁନିଟକୁ ତ୍ୱରାନ୍ୱିତ କରି କିପରି ସମାଜର ପୀଡିତ, ଅବହେଳିତମାନଙ୍କୁ ସହାୟତା ପ୍ରଦାନ କରିହେବ ଏହା ଏହି ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ଶେଷରେ କାଉନେସିଲରମାନଙ୍କୁ ତାଲିମପ୍ରାପ୍ତ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

# ସ୍ୱାସ୍ଥ୍ୟ ସେବା ସମ୍ମାନରେ ଆଶାକର୍ମୀ ସନ୍ଧ୍ୟାରାଣୀ ଚାନ୍ଦ ପୁରସ୍କୃତ



ଜଳେଶ୍ୱର ବ୍ଲକ, ୪।୨ (ସମିସ) : ବାଲେଶ୍ୱରଠାରେ ଜିଲ୍ଲା ସ୍ତରୀୟ ଆଶା ଗାଁ କଲ୍ୟାଣ ସମିତି ଏବଂ ଜନ ଆରୋଗ୍ୟ ସମିତି ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକରୁ ଶ୍ରେଷ୍ଠ ଆଶା କର୍ମୀମାନଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ୨୦୨୫-୨୬ ସ୍ୱାସ୍ଥ୍ୟ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କ୍ରମରେ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତର ନିମପୁର ଆଶା କର୍ମୀ ସନ୍ଧ୍ୟାରାଣୀ ଚାନ୍ଦ ଶ୍ରେଷ୍ଠ ଆଶା ସମ୍ମାନରେ ସମ୍ମାନିତ କରିଛନ୍ତି।

